## LOYOLA SCHOOL, BHUBANESWAR

**Half Yearly Evaluation, September - 2025**

**Class: X** | **Subject: 2nd Lang (Odia)** | **F.M. = 80** | **Times:3 Hrs.**

*Answer to this paper must be written on the paper provided separately.*
*You will not be allowed to write during the first 15 minutes.*
*This time is to be spent in reading the question paper.*
*The time given at the head of this paper is the time allowed for writing the answers.*

---

*This paper comprises of two sections: Section A and Section B. Attempt all questions from Section A. Attempt four questions from section B, answering at least one question each from two books you have studied and any two other questions. The intended marks for questions or parts of questions are given in brackets [ ].*

### Section – A [40 Marks]

**ସମସ୍ତ ପ୍ରଶ୍ନର ଉତ୍ତର ଦିଅ।**

1. **ଯେ କୌଣସି ଗୋଟିଏ ବିଷୟରେ (୨୫୦ ଶବ୍ଦରେ) ରଚନା ଲେଖ।** [15]

   a. ବର୍ତ୍ତମାନର ବିଜ୍ଞାନ ଯୁଗରେ ପୁରାଣ ସାହିତ୍ୟର ଆଦର କମିବାର କାରଣ ବିଷୟରେ ଆଲୋଚନା କର ।

   b. ସବୁ ପ୍ରକାର ବିଶୃଙ୍ଖଳାର ଦିନଟିଏ – ନିଜ ଅନୁଭୂତିରୁ ବର୍ଣ୍ଣନା କର ।

   c. ରଜ ପର୍ବ ।

   d. "ଦଇବ ଦଉଡି ମଣିଷ ଗାଈ, ଯେ ଣିକି ଟାଣଇ  ତେଣିକି ଯାଇ" – ଏହି ପ୍ରବାଦକୁ ଆଧାର କରି ଗପଟିଏ ଲେଖ।

   e. ନିମ୍ନରେ ଦିଆଯାଇଥିବା ଛବିଟିକୁ ଦେଖି ଏହାର ବର୍ଣ୍ଣନା ଦିଅ। ଏହା ତୁମକୁ ଯାହା ସୂଚାଇ ଦେଉଅଛି ତାହା ଉଲ୍ଲେଖ କର।



2. **ଯେ କୌଣସି ଗୋଟିଏ ବିଷୟରେ (୧୨୦ ଶବ୍ଦରେ) ପତ୍ର ଲେଖ।** [7]

   a. ଆଇ ସି ଏସ ଇ ପରୀକ୍ଷାରେ କୃତକାର୍ଯ୍ୟ  ହେଲାପରେ କ'ଣ କରିବ ବର୍ଣ୍ଣନା କରି ବାପାଙ୍କ ନିକଟକୁ ପତ୍ର ଲେଖ।

   b. ସମ୍ବାଦପତ୍ର ମଗାଇବା ପାଇଁ "ଧରିତ୍ରୀ"ର ସମ୍ପାଦକଙ୍କୁ ପତ୍ର ଲେଖ।

3. **ତଳେ ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢି ପ୍ରଶ୍ନଗୁଡିକର ନିଜ ଭାଷାରେ ଉତ୍ତର ଲେଖ।** [2x5=10]

ବୃଦ୍ଧ ନବାବ ଚିରଦିନ ପାଇଁ ଚକ୍ଷୁ ମୁଦ୍ରିତ କଲେ । ସିରାଜ ମହାସମାରୋହରେ ପ୍ରସିଦ୍ଧ ମୁର୍ଶିଦାବାଦ ରାଜ ସିଂହାସନ ଅଳଂକୃତ କରି ବଙ୍ଗଳାର ନବାବ ରୂପେ ଘୋଷିତ ହେଲେ । ସେତେବେଳକୁ ତାଙ୍କର ବୟସ ସପ୍ତଦଶ ବର୍ଷ ମାତ୍ର । ଏଣିକି ତାଙ୍କ ଭୟରେ କଲିକତାର ଇଂରେଜମାନେ ଥରହର ହେବାକୁ ଲାଗିଲେ।

ଏହି ସମୟରେ ଦୁଇଟି ବିଶିଷ୍ଟ ଘଟଣା ସଂଘଟିତ ହେଲା । ରାଜବଲ୍ଲଭ ନାମରେ ଢାକାରେ ଜଣେ ଉଚ୍ଚପଦସ୍ଥ କର୍ମଚାରୀ ରାଜକୀୟ ଧନ ଆତ୍ମସାତ୍ କରିଥିବା ଅଭିଯୋଗରେ କାରାରୁଦ୍ଧ ହେଲେ । ସେହି ସମ୍ବାଦ ପାଇ ତାଙ୍କ ପୁତ୍ର କୃଷ୍ଣବଲ୍ଲଭ

ପିତାଙ୍କର ସମସ୍ତ ଅସ୍ଥାବର ସମ୍ପତ୍ତି ସହ ଗୋପନରେ କଲିକତାକୁ ପଳାୟନ କଲେ । ଇଂରେଜମାନେ ତାଙ୍କୁ ସେଠାରେ ଅଭୟ ଆଶ୍ରୟ ଦେଇ ଅନ୍ୟାୟର ପକ୍ଷ ସମର୍ଥନ କଲେ।

ଦ୍ୱିତୀୟ ଘଟଣାଟି ହେଉଛି ଆହୁରି ଗୁରୁତର । ସ୍ୱର୍ଗତ ନବାବ ଆଲିବର୍ଦ୍ଦଙ୍କର ନିର୍ଦ୍ଦେଶ ଥିଲା, ଇଂରେଜମାନେ ଆଉ କୌଣସି ନୂତନ ଜିଲ୍ଲା ନିର୍ମାଣ କରିପାରିବେ ନାହିଁ । କିନ୍ତୁ ଗୁପ୍ତଚର ମୁଖରୁ ସିରାଜଙ୍କର ଶ୍ରୁତିଗୋଚର ହେଲା ଯେ ଇଂରେଜମାନେ ବର୍ତ୍ତମାନ ସେହି ସର୍ତ୍ତ ଉଲଂଘନ କରି କଲିକତାରେ ପୁରାତନ ଦୂର୍ଗକୁ ସଂସ୍କାର କରିବା ସଂଗେ ସଂଙ୍ଗେ ବାଗବଜାରରେ ଗୋଟିଏ ନୂତନ ଉପଦୁର୍ଗ ମଧ୍ୟ ନିର୍ମାଣ କରୁଛନ୍ତି।

ସିରାଜ ଏ ଦୁଇ ଘଟଣାରୁ ଇଂରେଜମାନଙ୍କ ଗୁପ୍ତ ଅଭିସନ୍ଧି କଷ୍ଟ ବୁଝିପାରିଲେ ଏହି ଅବୈଧ କାର୍ଯ୍ୟର ଘୋର ପ୍ରତିବାଦ କରି ସେ କଲିକତାସ୍ଥ ଇଂରେଜମାନଙ୍କ ଗଭର୍ଣ୍ଣର ଡେକ୍ ସାହେବଙ୍କ ନିକଟକୁ ଦୂତ ହସ୍ତରେ ଖଣ୍ଡିଏ ପତ୍ର ପ୍ରେରଣ କଲେ। ଯଥା ସମୟରେ ଦୂତ ଯାଇ ଗଭର୍ଣ୍ଣରଙ୍କୁ ପତ୍ରଟି ଦେଲା; ମାତ୍ର ଉଦ୍ଧତ ଡେକ୍ କୌଣସି କଥା ବିଚାରକୁ ନ ନେଇ ଉକ୍ତ ଦୂତକୁ ନାନା ଭାବରେ ଅପମାନିତ କରି ସେଠାରୁ ତଡି ଦେଲେ ।

ଦୂତ ପ୍ରତି ଏତାଦୃଶ ଅପମାନର ଅର୍ଥ ସ୍ୱୟଂ ନବାବଙ୍କ ପ୍ରତି ଅପମାନ। ସିରାଜ ଏହା ଶୁଣି ଅତ୍ୟନ୍ତ କ୍ରୁଦ୍ଧ ହୋଇଉଠିଲେ । ମୁଷ୍ଟିମେୟ ଦଳେ ଫିରିଙ୍ଗ ସଉଦାଗର ଯଦି ପଦେ ପଦେ ନବାବଙ୍କ ଆଦେଶ ଲଙ୍ଘନ କରି ତାଙ୍କୁ ଅପମାନ ଦେବାକୁ ସାହସ କରନ୍ତି ତାହା ହେଲେ ନବାବ ପଦର ମର୍ଯ୍ୟାଦା ରହିଲା କେଉଁଠାରେ  ତେଣୁ ଫିରିଙ୍ଗିମାନଙ୍କ ଆସ୍ଫାଳନ ଚୂର୍ଣ୍ଣ କରିବା ହେଲା ତାଙ୍କର ପ୍ରଥମ କର୍ତ୍ତବ୍ୟ ।

ସଂଗେ ସଂଗେ ଇଂରେଜମାନଙ୍କ ସହିତ ସିରାଜଙ୍କର ସଂଘର୍ଷ ଆରମ୍ଭ ହେଲା । ସିରାଜ ସୈନ୍ୟଦଳ ଘେନି କାଶିମ ବଜାରରେ ଉପସ୍ଥିତ ହେଲେ। ସେଠାରେ ଇଂରେଜମାନଙ୍କ କୋଠି ଓ କିଲ୍ଲା ଥାଏ।

(i) ବଙ୍ଗଳାର ବୃଦ୍ଧ ନବାବଙ୍କ ନାମ କଅଣ ଥିଲା ?

(ii) ନବାବ ହେଲାବେଳକୁ ସିରାଜଙ୍କୁ କେତେ ବର୍ଷ ହୋଇଥିଲା ?

(iii) କୃଷ୍ଣବଲ୍ଲଭ କିଏ ? ସେ କଅଣ କଲେ ?

(iv) ଇଂରେଜମାନଙ୍କର କଲିକତାରେ ପୁରାତନ ଦୁର୍ଗ ସଂସ୍କାର ଓ ବାଗବଜାରରେ ନୂତନ ଉପଦୁର୍ଗ ନିର୍ମାଣ ସଂପର୍କରେ ସିରାଜ କ'ଣ ଜାଣିବାକୁ ପାଇଲେ ?

(v) ଡେକ୍ କେଉଁଭଳି ବ୍ୟବହାର କଲେ ଏବଂ କାହିଁକି କଲେ ?

**4. ନିର୍ଦ୍ଦେଶ ଅନୁସାରେ ଲେଖ।** [1x8 =8]

(i) "ଅହି" ଶବ୍ଦର ଦୁଇଟି ପ୍ରତିଶବ୍ଦ -

A. ଚକ୍ଷୁଶ୍ରବା  ଓ ଭୁଜଗ
B. ଧରା ଓ ଭୁଜଗ
C. ବିହଗ ଓ ବିହଙ୍ଗ
D. ଉଦଧି ଓ ଭୁଜଙ୍ଗ

(ii) "ସୁଲଭ" ଶବ୍ଦର ବିପରୀତାର୍ଥବୋଧକ ଶବ୍ଦ ଲେଖ

A. କୁଲଭ
B. ଦୁର୍ଲଭ
C. କୁର୍ଲଭ
D. ଦୂର୍ଲଭ

(iii) ରୂଢି  – ହାତ ବାରିସି ର ଅର୍ଥ ବୁଝାଇଦିଅ ।

A. ଚାରି ଦଉଡି କଟା
B. ହାତରେ କଟୁରୀ ଧରିବା
C. କିଛି ନ  ବୁଝି କାମ କରିବା
D. ଯାହା ସାହାଯ୍ୟରେ କାର୍ଯ୍ୟ ହାସଲ ହୁଏ

(iv) "ଶୁଦ୍ଧ ଶବ୍ଦଟି ବାଛି ଲେଖ –

A. ଅନୁବାଦିତ
B. ଅନୂଦୀତ
C. ଅନୂଦିତ
D. ଅନୁବାଦୀତ

(v) ଅର୍ଥଗତ ପାର୍ଥକ୍ୟ ଦେଖାଅ  – ଚିର - ଚୀର

A. ଆମ୍ର – ଛିଣ୍ଡାକନା
B. ଦୀର୍ଘକାଳ – ଛିଣ୍ଡାକନା
C. ଅଗ୍ରଭାଗ – ଦୀର୍ଘକାଳ
D. ଛିଣ୍ଡାକନା -  ଅଗ୍ରଭାଗ

(vi) ଦୁଇଟି ଭିନ୍ନ ଅର୍ଥ ଲେଖ – **ଗଣ୍ଡ**

A. ନିର୍ବୋଧ, ଗାଲ
B. ଏକ ପଶୁ, ଗାଲ
C. ଶ୍ରେଷ୍ଠ, ନଦୀ ବା ହ୍ରଦର ଗଭୀର ଜଳଭାଗ
D. ଚାରୋଟି, ଏକ ପଶୁ

(vii) ଏକ ପଦରେ ପ୍ରକାଶ କର – **ବିଘ୍ନର ଅଭାବ**

A. ନିର୍ବିଘ୍ନ
B. ବିଘ୍ନାଭାବ
C. ନୀର୍ବିଘ୍ନ
D. ଦୁର୍ବିଘ୍ନ

(viii) ଶୁଦ୍ଧ ବାକ୍ୟଟି ବାଛ ।

A. ଅବହେଳା କଲେ ପାଠପଢାରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା କାଠିକର ପାଠ ।
B. ପାଠପଢାରେ ଅବହେଳା କଲେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା କାଠିକର ପାଠ ।
C. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା କାଠିକର କଲେ ଅବହେଳା ପାଠପଢାରେ ।
D. ପରୀକ୍ଷାରେ ଅବହେଳା କଲେ ପାଠପଢାରେ ଉତ୍ତୀର୍ଣ୍ଣ ହେବା କାଠିକର ପାଠ ।

## **Section – B** [40 Marks]

### ଯେ କୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅ।

### ଗଳ୍ପ ବିଭାଗ

**5. ସମାନ୍ତର ସରଳରେଖା**

କାଗଜ ଉପରେ ସନାତନ ଓ ମଧୁମିତାଙ୍କ ଚାରୋଟି ଆଖି ଆନନ୍ଦ ଓ ଉଦବେଗରେ ସ୍ଥିର ହୋଇ ରହି ଯାଇଥିଲା ।

a. ସନାତନ ଓ ମଧୁମିତା କିଏ? ସେତେବେଳେ ସେମାନେ କେଉଁଠି ଥିଲେ ? [2]
b. ସେମାନଙ୍କର ଆନନ୍ଦର କାରଣ କ'ଣ ଥିଲା ? [2]
c. ଏହାପରେ ମଧୁମିତା ସନାତନକୁ କ'ଣ କହିଥିଲା? [3]
d. ଗଳ୍ପର ନାମକରଣର ଯଥାର୍ଥତା ପ୍ରତିପାଦନ କର । [3]

**6. ନୀଳ ମାଷ୍ଟରାଣୀ**

ତା'ପରେ ଝଗଡା, ତା'ପରେ ଅଭାବ, ତା'ପରେ ଲୁଗା ବୁଜୁଳା କାନ୍ଧରେ ପକାଇ ନୀଳ ମାଷ୍ଟରାଣୀ ଚାଲିଲା ଧୋବଣୀ ବେଶରେ ପୋଖରୀ ତୁଠକୁ ।

a. କେଉଁ ଘଟଣା ପରେ କାହା କାହା ଭିତରେ ଝଗଡା ହୋଇଥିଲା ? [2]
b. ନୀଳ ମାଷ୍ଟରାଣୀ ଧୋବଣୀ ବେଶରେ ପୋଖରୀ ତୁଠକୁ ଗଲା କାହିଁକି ? [2]
c. ବଉଳ ପାଟ କାହାକୁ କୁହାଯାଏ ? କିଏ କାହାର ବଉଳ ପାଟ ଧୋଇବାକୁ ଆଣିଥିଲା ? [3]
d. ଧୋଇ ସାରିବାପରେ ସେ ବଉଳ ପାଟ ଫେରାଇଲା ନାହିଁ କାହିଁକି ? [3]

**7. ନୟନପୁର ଏକ୍ସପ୍ରେସ**

ନରେନ୍ଦ୍ରର ପାଦ ଦୁଇଟା ରହିଗଲା । ଚାରିଶ ବାସ୍ତରି ମାଇଲ ଖୁଣ୍ଟି ।

a. ନରେନ୍ଦ୍ର କିଏ ? ସେଦିନ ରାତିରେ ସେ କେଉଁଠାରୁ ଫେରୁଥିଲା? [2]
b. ଚାରିଶ ବାସ୍ତରି ମାଇଲ ଖୁଣ୍ଟି ସହିତ ନରେନ୍ଦ୍ରର କି ସମ୍ପର୍କ ଥିଲା ? [2]
c. ଇତିହାସର ପୃଷ୍ଠା କାହାର ଜୟଗାନରେ ମୁଖରିତ ହୁଏ ? [3]
d. ନୟନପୁର ଏକ୍ସପ୍ରେସ ନରେନ୍ଦ୍ରର ମୁଣ୍ଡ ଭିତରେ ଯେମିତି ଛୁଟି ଚାଲିଛି – ଏହି ଉକ୍ତିର ଯଥାର୍ଥତା ପ୍ରତିପାଦନ କର । [3]

### କବିତା ବିଭାଗ

**8. ଗ୍ରାମପଥ**

ଶ୍ୟାମ ପ୍ରାନ୍ତରେ ଉଲଙ୍ଗ ଶିଶୁ ସମ ଏ ପଥ ଘୁମାଏ
ନୀଳ ନଭେ ଯଥା ଛାୟାପଥ ମନୋରମ ।

a. ଗ୍ରାମପଥକୁ ଉଲଙ୍ଗ ଶିଶୁ ସହିତ ତୁଳନା କରାଯାଇଛି କାହିଁକି ? [2]

b. ଛାୟାପଥ କାହାକୁ କୁହାଯାଏ ? [2]

c. ସନ୍ୟାସୀ କାହାକୁ କୁହାଯାଏ? ଗ୍ରାମପଥକୁ ସନ୍ୟାସୀ ସହିତ ତୁଳନା କରିବାର ଯଥାର୍ଥତା ବୁଝାଇଦିଅ । [3]

d. କବି ଗ୍ରାମପଥକୁ ବନ୍ଦନା କରିଛନ୍ତି କାହିଁକି? [3]

9. **ମଣି କାଞ୍ଚନ ଯୋଗ**

ମନ୍ତ୍ରୀରେ ଡାକି ଦର୍ପେ ଭାଷିଲେ
କାଞ୍ଚି ହୋଇଛି ଚୂର୍ଣ୍ଣ
ତଥାପି ମୋହର ମରମ ତଳର
ବାସନା ହୋଇନି ପୂର୍ଣ୍ଣ ।

a. ମନ୍ତ୍ରୀଙ୍କୁ କିଏ ଡ଼ାକିଥିଲେ ? ସେତେବେଳେ ସେ କେଉଁଠି ଥିଲେ? [2]

b. ବକ୍ତାଙ୍କ ଦର୍ପର କାରଣ କ'ଣ ଥିଲା ? [2]

c. ବକ୍ତା ମନ୍ତ୍ରୀଙ୍କୁ କି ଆଦେଶ ଦେଇଥିଲେ ? [3]

d. ମନ୍ତ୍ରୀ ସେ ଆଦେଶ କିପରି ପାଳନ କରିଥିଲେ ? [3]

10. **ଗରିବର ଦୂର୍ଗାସ୍ତବ**

ଏତିକି ମୁଁ ଜାଣେ, ମଫସଲେ
ତୁମେ ଗଲ ନାହିଁ ଜାଣିକରି
କାଦୁଅ ରାସ୍ତା ଅଭାବ ଶସ୍ତା,
ଲୋକଗୁଡା ମଫସଲି ।

a. କିଏ ମଫସଲକୁ ଯାଇ ନ ଥିଲେ ଓ କାହିଁକି ? [2]

b. ସେ କେଉଁଠି ବୁଲି ଫେରିଯାଇଥିଲେ ? ତାଙ୍କ ପାଇଁ ସେଠାରେ କି ବ୍ୟବସ୍ଥା ହୋଇଥିଲା ? [2]

c. "ନିଆଁଖୁଣ୍ଟା" କ'ଣ? କିଏ ନିଆଁଖୁଣ୍ଟାରେ ହରବର ହେବ ଓ କାହିଁକି ? [3]

d. କବିତା ମାଧମରେ କବି ସମାଜକୁ କି ବାର୍ତ୍ତା ଦେଇଛନ୍ତି ? [3]

**********************ALL THE BEST**********************